# All India Radio, Sambalpur

## SAMBALPURI NEWS BULLETIN

(Dt- 25-6-2017) Saturday - 20.27Hrs

**<u>ON DUTY</u>**

Editor-In-Charge : **B.K.Majhi**

**<u>News Reader :</u>**

1. **Sangita Sahu**
2. **Tarpan Kumar Sahu**

୧- ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶର୍ ଲୁକ୍‌କୁ ସମ୍ବୋଧିତ୍ କଲେ ପ୍ରଧାନ୍‌ମନ୍ତ୍ରୀ - ପବିତ୍ର ରଥଯାତ୍ରା ଆଉ ଇଦ୍ ଲାଗି ଜନାଲେ ଶୁଭେଚ୍ଛା ।

୨- ବହୁତ୍ ଜଲ୍‌ଦି ପ୍ରାଥମିକ୍ ଆଉ ଉଚ୍ଚ ପ୍ରାଥମିକ୍ ସ୍କୁଲ୍ ପିଲାମାନ୍‌କୁ ମିଲ୍‌ବା ପଢ଼୍‌ବାର୍ ବହି ।

୩- ରଥ୍‌ଯାତ୍ରାର୍ ଲାଗି ଶ୍ରୀକ୍ଷେତ୍ର ପୁରୀନେ ଲାଖ୍ ଲାଖ୍ ଭକ୍ତଙ୍କର୍ ସମାଗମ୍ । ଗୁଣ୍ଡିଚା ଗୁଡ଼ିନେ ପହଁଚି ନାଇଁ ପାର୍‌ଲା କେନ୍‌ସି ରଥ୍ ।

ଆଉର୍

୪- ଆଏବା କାଏଲ୍‌ନୁ ରାଏଜ୍ ସାରା ଜବର୍ ବର୍ଷାର୍ ଅନୁମାନ୍ ।

### ମନ୍ କି ବାତ୍ HNR

**ନିଜର୍ ଉତ୍ପାଦିତ୍ ଦରବ୍ ସର୍‌କାର୍‌ଙ୍କୁ ବିକ୍‌ବାର୍ ଲାଗି ଇ-ମାର୍କେଟ୍ ପ୍ଲେସ୍ ଆଉ ଇ-ଜିଇଏମ୍ ୱେବ୍‌ସାଇଟ୍‌ର ସାହାଜ୍**

ନେବାର୍କେ ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ । ମାସ୍‌କିଆ ରେଡ଼ିଓ କାର୍ଯ୍ୟକ୍ରମ୍ ମନ୍ କି ବାତ୍‌ର ୩୩ ନମ୍ବର୍ ସଂସ୍କରଣ୍‌ଥି ଦେଶର୍ ଲୁକ୍‌କୁ ସମ୍ବୋଧନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଇଟା କହିଛନ୍ । ମୁଦ୍ରା ଯୋଜ୍‌ନା ଅଧିନ୍ ନ ରଣ୍ ନେଇକରି ଗୁଟେ ପୋଟ୍ରାଲ୍ ଜରିଆନେ ବ୍ୟବସାୟ ମୁଲ୍ କରିଥିବାର୍ ତାମିଲ୍‌ନାଡୁର୍ ୫ନେ ମହିଲାଙ୍କର୍ ବାବ୍‌ଦେ ସେ ବର୍ଣ୍ଣନା କରିଛନ୍...

***<u>ई-जेम की व्यवस्था से दूर सुदूर एक गृहणी छोटा सा काम कर रही है, उसका माल प्रधानमंत्री कायालय तक खरीदा जा सकता है, यही देश की ताकत है। इसमें ट्रांसपरेंसी भी है, इसमें एम्पावरमेंट भी है, इसमें इंटरप्रेंशिप भी है, गवनमेंट-ई मार्केटप्लेस। जो इस प्रकार से सरकार को अपना माल बेचना चाहते हैं, वो उससे ज्यादा से ज्यादा जुड़े। मैं मानता हूं मिनिमम गवनमेंट एंड मैक्सिमम गवनेंस का एक बेहतरीन उदाहरण है ये और इसका लक्ष्य क्या है मिनिमम प्राइज और मैक्सिमम ईज, एफीसिएंसी एंड ट्रांसपेरेंसी।</u>***

ଆଏଜ୍ ହେଉଥିବାର୍ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅବ୍‌ସର୍ ନ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ କହିଛନ୍ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ମନ୍ଦିର୍, ପରମ୍ପରା, ସଂସ୍କୃତିନେ ସାମାଜିକ୍ ନ୍ୟାୟର୍ ପ୍ରତିଛବି ଦେଖିବାର୍କେ ମିଲ୍‌ସି ।

ବିବିଧତା ହିଁ ଆମର୍ ଦେଶର୍ ବିଶେଷତ୍ୱ ଆଉର୍ ଇଟା ଆମର୍ ଶକ୍ତି । ସେନ୍ତା ପବିତ୍ର ଇଦ୍ ଲାଗି ଭିଲ୍ ଶ୍ରୀ ମୋଦୀ ଦେଶ୍ବାସୀଙ୍କୁ ଶୁଭକାମନା ଜନେଇଛନ୍ ।

ପ୍ରଧାନ୍ମନ୍ତ୍ରୀ ଯୋଗ ବାବ୍ଦେ କହିଛନ୍ ଯେ, ଆଏଜ୍ ଯୋଗ ପୃଥିର୍ ଲୁକ୍କୁ ଗୁଟେ ସୂତାଥି ବାନ୍ଧବାରଥି ସକ୍ଷମ୍ ହେଇଛେ ।

*<u>यूएन अंतराष्ट्रीय योग दिवस के 10 स्टैम्प्स निकाले। उन 10 स्टैम्प्स को रिलीज किया। यूएन हेडक्वाटर में योगा आसन विद योगा मास्टर्स का आयोजन किया। यूएन के स्टाफ, दुनिया के डिप्लोमेट्स हर कोई इसमें शरीक हुआ। इस बार फिर एक बार योग ने विश्व रिकार्ड का भी काम किया। गुजरात में अहमदाबाद में करीब-करीब 55 हजार लोगों ने एक साथ योग करके एक नया विश्व रिकार्ड बना दिया।</u>*

ସ୍ୱଚ୍ଛତା ଅଭିଯାନ୍ ଇହାଦେ ଗୁଟେ ବଡ଼୍ ଜନ୍ ଆନ୍ଦୋଲନ୍ର ରୂପ୍ ନେଇଛେ । ନିଜର୍ ସମ୍ବଲ୍ ବେଭାର୍ କରିକରି ଉତର୍ପ୍ରଦେଶର୍ର ବିଜ୍ନୋର୍ ଜିଲ୍ଲା ମୁବାରକ୍ପୁର୍ ଗାଁ ଉଦାହରଣ୍ ସୃଷ୍ଟି କରିଛେ ବଲି କହେବାର୍ ସହେତେ ରମ୍ଜାନ୍ ମାସେ ସମାଜ୍ କଲ୍ୟାଣ୍ ଦିଗେ କାମ୍ କରିଥିବାର୍ ଲାଗି ଶ୍ରୀ ମୋଦୀ ଗାଁ ଲୁକ୍କୁ ପ୍ରଶଂସା କରିଛନ୍ । ସେନ୍ତା ଖୁଲା ଜାଗା ନ ଶୌଚମୁକ୍ତ ମାନ୍ୟତା ହାସଲ୍ କରିଥିବା ସିକିମ୍, ହିମାଚଲ୍ ପ୍ରଦେଶ୍, କେରଲ୍, ଉତରାଖଣ୍ଡ୍ ଆଉ ହରିଆନାର୍ ଲୋକ୍ ରାଜ୍ୟ ସର୍କାର୍ଙ୍କୁ ପ୍ରଧାନ୍ମନ୍ତ୍ରୀ

ଧନ୍ୟବାଦ୍ ଜନେଇଛନ୍ । ୨ ଦିନ୍ ଆଗ୍ରୁ ଭାରତ୍ କ୍ୟାଟୋସେଟ୍-୨ ଶ୍ରେଣୀର୍ ୩୦ଟା ଛୋଟ୍ ଉପଗ୍ରହକେ ମହାକାଶ୍ନେ ଥାପ୍ନା କରିକରି ଖାଲି ବିଦେଶ୍ ନୁହେଁ, ମହାକାଶ୍ନେ ଭିଲ୍ ଆମର୍ ଦେଶ୍ ତାର୍ ପତିଆରା ଜାହିର୍ କରିଛେ । ଇ ଉପଗ୍ରହ ଚାଷ୍ ଆଉ ପ୍ରାକୃତିକ୍ ଆପଦ୍‌ମୋଚନ୍ କ୍ଷେତ୍ରନେ ବହୁତ୍ ମାତ୍ରାଥି ସାହାଜ୍ କରିପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ଆଶା କରିଛନ୍ ।

ଯୁଆନ୍ ମାନେ ଖେଲ୍ ଲାଗି ଆଗ୍ରହ ଦେଖାଲେ ସ୍କୁଲ୍, କଲେଜ୍ ଆଉ ପରିବାର୍ ସେମାନ୍‌କୁ ସମର୍ଥନ୍ ଦେବାର୍ ଦର୍‌କାର୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସର୍ ନେ ଶ୍ରୀ ମୋଦୀ ଇଣ୍ଡୋନେସିଆ ଓପନ୍‌ଥି ଜିତିଥିବା ବେଡ୍‌ମିଂଟନ୍ ଖେଲାଲି କିଦାମ୍ବି ଶ୍ରୀ ଶ୍ରୀକାନ୍ତଙ୍କୁ ଅଭିନନ୍ଦନ୍ ଜନେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଗଣତନ୍ତ୍ର ହିଁ ଆମର୍ ପରିଚୟ । ଇ ଅବ୍‌ସର୍‌ନ ଶ୍ରୀ ମୋଦୀ ୧୯୭୫ ମସିହାର୍ ଜୁନ୍ ୨୫ ତାରିଖ୍ ଦିନ ଲାଗୁ ହେଇଥିବା ଏମାର୍‌ଜେନ୍ସି ପରିସ୍ଥିତି ବାବ୍‌ଦେ ପ୍ରକାଶ୍ ତ୍ରିପାଠୀଙ୍କର୍ ଚିଠିକେ ମନେ ପକେଇଥିଲେ । ଯେନ୍‌ଥି ଶ୍ରୀ ତ୍ରିପାଠୀ ଏମାର୍‌ଜେନ୍ସିକେ ଗୁଟେ କଲା ବାଦଲ୍ ଭାବେ ଚିତ୍‌ରେଇଛନ୍ ।

ଇଦ୍ RNU/SBP

ରାଏଜ୍ ସାରା ଆଏବା କାଏଲ୍ ଇଦ୍ ପାଲନ୍ କର୍‌ବାର୍‌କେ ବିଧିବଦ୍ଧ ନିଷ୍ପତି ହେଇଛେ । କଟକ୍‌ର ଚାନ୍ଦ୍ କମିଟି ତର୍‌ଫୁ ଆଏଜ୍ ଇଟା ଘୋଷ୍‌ନା କରାଯାଇଛେ । ହେନ୍ତା ଆଏବାକାଏଲ୍ ସମ୍ବଲ୍‌ପୁର୍‌ଠାନେ ଭିଲ୍ ଇଦ୍ ପାଲନ୍ କରାଯିବାର୍ ଲାଗି ଧାରିଜ୍ ହେଇଛେ ।

ପଢ଼ା ବହି RNU/CTC

ରାଏଜର୍ ପ୍ରାଥମିକ୍ ଆଉ ୟୁପି ସ୍କୁଲ୍‌ର ପାଖାପାଖି ୩୦ ପ୍ରତିଶତ୍ ପିଲା ଇହାଦେତକ୍ ପଢ୍‌ବାର୍ ବହି ନିହେ ପାନ୍ । ଇହାଦେତକ୍ ରାଏଜର୍ ୩୦ଟା ଜିଲ୍ଲାନେ ପହେଲା ନୁ ୮ ଶ୍ରେଣୀତକ୍ ୮୬ ପ୍ରତିଶତ୍ ନୁ ଅଏତ୍‌କା ପଢ଼ାବହି ବ୍ଲକ୍ ଶିକ୍ଷା ଅଫିସର୍‌ଙ୍କର୍ ପାଖେ ପୁହୁଁଚି ସାରିଛେ । ବାକି ଥିବାର୍ ବ୍ଲକ୍ ମାନ୍‌କେ ବହୁତ୍ ଜଲ୍‌ଦି ବହି ଯୁଗେଇ ଦିଆଯିବା ବଲି ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

# ରଥଯାତ୍ରା

Puri/Bargarh/SBP/Bolangir/Kalahandi/Sonepur/Boudh/RKL/

ଜବର୍ ଉସ୍‌ନାକି ଆଉ ଭକ୍ତି ଭାବ୍‌ନାର୍ ଭିତ୍‌ରେ ଆଏଜ୍ ଶ୍ରୀକ୍ଷେତ୍ରନେ ଶ୍ରୀଜଗନ୍ନାଥ୍ ମହାପ୍ରଭୁଙ୍କର୍ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ୍ ହେଉଛେ । ମହାପ୍ରଭୁ ଶ୍ରୀ ଜଗନ୍ନାଥ୍, ବଡ଼ଭାଇ ଶ୍ରୀବଳଭଦ୍ର, ଭଉଣୀ ଶ୍ରୀସୁଭଦ୍ରା ଆଉ ଶ୍ରୀସୁଦର୍ଶନ୍‌ଙ୍କୁ ସାଙ୍ଗେ ଧରି ୯ଦିନ୍ ଲାଗି ଘୋଷଯାତ୍ରାଥି ଯିବେ ଶ୍ରୀଗୁଣ୍ଡିଚା ଘର୍‌କେ । ପାଗ ମେଘୁଆ ଥିବାର୍ ଲାଗି ଆଏଜ୍ ଯାତ୍ରା ଦେଖିବାର୍‌କେ ରାଏଜ୍ ଆଉ ଦେଶ୍ ବିଦେଶ୍‌ନୁ ଲାଖ୍ ଲାଖ୍ ଭକ୍ତଙ୍କର୍ ଭିଡ୍ ହେଇଛେ ।

ସକାଲେ ଶ୍ରୀମନ୍ଦିର୍‌ନେ ଶ୍ରୀଜୀଉମାନ୍‌କର୍ କେତେଟା ନୀତି ଉତ୍‌ରୁ ପାଖାପାଖି ସାଢ଼େ ୧୦ ବଜେ ଶ୍ରୀଜୀଉମାନ୍‌କର୍ ଧାଡ଼ିପହଣ୍ଡି ମୁଲ୍ ହେଇଥିଲା । ପହେଲା ଶ୍ରୀସୁଦର୍ଶନ୍‌ଙ୍କର୍ ଉତ୍‌ରୁ ବଡ଼ଠାକୁର, ତାର୍ ଉତ୍‌ରୁ ଦେବୀ ସୁଭଦ୍ରା ଆଉ ଶେଷେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅନାଯାଇକରି ରଥାରୁଢ଼୍ କରାଯାଇଥିଲା । ପୁରୀ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ରଥ ଉପର୍‌କେ ଯାଇକରି

ଶ୍ରୀଜୀଉମାନ୍‌କର୍ ଦର୍ଶନ୍ କରିଥିଲେ । ଇତାର୍ ଉତ୍‌ରୁ ପୁରୀର୍ ଗଜପତି ମହାରାଜ୍ ଶ୍ରୀଦିବ୍ୟସିଂହ ଦେବ ତିନ୍‌ହି ରଥ୍ ଉପ୍‌ରେ ଛେରାପହଁରା କରିଥିଲେ । ଛେରାପହଁରା ଉତ୍‌ରୁ ଚାର୍‌ମାଲ୍ ଖୁଲାଯାଇକରି ଘୁଡ଼ା ଲଗାଲା ଉତ୍‌ରୁ ଉପର୍‌ବେଲର୍ ୪ ବଜେକେ ରଥ୍‌ଟନା ମୁଲ୍ ହେଇଥିଲା । ଧାଡ଼ିକରି ବଲଭଦ୍ରଙ୍କର୍ ତାଲଧ୍ୱଜ, ଦେବୀ ସୁଭଦ୍ରାଙ୍କର୍ ଦେବଦଲନ ଆଉ ତାର୍ ଉତ୍‌ରୁ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ୍ ରଥ ଘିଚାଯାଇଥିଲା ।

ପାଖାପାଖି ୧୦ ଲାଖ୍ ଭକତ୍‌ଙ୍କର୍ ଭିଡ୍‌କେ ଆଁଖି ଆଗାଡ଼େ ରଖିକରି ଜବର୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଜଲ, ସ୍ଥଳ ଆଉ ଆକାଶ୍‌ନେ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଆଏଜ୍ ଭୁବ୍‌ନେଶ୍ୱର୍-ପୁରୀ ଭିତ୍‌ରେ ଖାସ୍ ଟ୍ରାଫିକ୍ ବ୍ୟବସ୍ଥା ରହିଛେ । ଆଏଜ୍ ସଞ୍ଜ୍‌ତକ୍ ତାଲଧ୍ୱଜ ରଥ ପୁରୁଣା ମହିଳା କଲେଜ୍ ଦେବଦଲନ ରଥ ମାର୍କେଟ୍ ଛକ ଆଉ ନନ୍ଦିଘୋଷ୍ ରଥ ଟାଉନ୍‌ଥାନା ପାଶେ ଅଟ୍‌କି ରହିଛନ୍ । ଆଏଜ୍ ଜେକ୍ ଲଗାହେବାର୍ ଉତ୍‌ରୁ ଆଏବା କାଏଲ୍ ରଥ୍ ମାନ୍‌କୁ ଟନାଯାଇକରି ଶ୍ରୀଗୁଣ୍ଡିଚା ମନ୍ଦିର୍‌କେ ନିଆଯିବା । ଆଏବା ୩୦ ତାରିଖ ଦିନ ବାହୁଡ଼ାଯାତ୍ରାଥି ଶ୍ରୀଜୀଉମାନେ ଶ୍ରୀମନ୍ଦିର୍‌କେ ଫିର୍‌ବେ ।

ପଶ୍ଚିମ୍ ଓଡ଼ିଶାର୍ ସବୁ ସହର୍ ଆଉ ଗାଁ ଆଏଜ୍ ଦୁତିଆ ରଥଯାତ୍ରାର୍ ଲାଗି ଗଜ୍‌ଗଜଉଛେ । ବହୁତ୍ ପୂର୍ବର୍ ରଥ୍‌ଛୁଆଁ

ପରମ୍ପରା ଅନ୍‌ସାରେ ଇଥର ଭିଲ୍ ଅନ୍ନପ୍ରାସନ୍ ଉତ୍‌ରୁ ନବ୍‌ଜାତ୍ ଛୁଆମାନ୍‌କୁ ରଥଛୁଆଁ ଯାଇଥିଲା । ଇ ରଥଯାତ୍ରା ଆଏବା ଆଷାଢ଼୍ ପୁନିତକ୍ ଇଲାକାସାରା ଚାଲ୍‌ବା । ହେନ୍ତା ଆଏଜ୍ ଲୁକେ ମହାପ୍ରଭୁଙ୍କୁ ଭୋଗ୍ ଲଗାଲା ଉତ୍‌ରୁ ପାଖ୍‌ପଡ଼ୋଶୀ ଭିତ୍‌ରେ ପିଠାପନା ଦିଆନିଆ ହେଇଛନ୍ ।

ପଶ୍ଚିମ୍ ଓଡ଼ିଶାର୍ ଶ୍ରୀକ୍ଷେତ୍ର ଭାବେ ନାଁ କରିଥିବା ବର୍‌ଗଡ଼୍ ଜିଲ୍ଲାର୍ ଭଟ୍‌ଲି ଠାନେ ଶ୍ରୀ ଶ୍ରୀ ଦଧିବାମନ ମହାପ୍ରଭୁଙ୍କର୍ ପ୍ରସିଦ୍ଧ ରଥଯାତ୍ରା ଉତ୍ସବ୍ ମୁଲ୍ ହେଇଛେ । ଇଠାନର୍ ରଥଯାତ୍ରାର୍ ଗୁଟେ ବିଶେଷ୍ ବିଷେ ହେଲା ଇଠାନେ ଖାଲି ଗୁଟେ ରଥ୍ ଘିଚା ଯାଏସି । ସପ୍ତଦଶ ଶତାବ୍ଦୀର୍ ଇ ଗୁଡ଼ିନେ ଦଧିବାମନ୍‌ଙ୍କର୍ ରଥଯାତ୍ରା ସମିଆଥି ନବଜାତ୍ ଛୁଆମାନ୍‌କୁ ରଥ୍ ଛୁଆଁବାର୍ ପରମ୍ପରା ମୁଲୁ ରହିଆସିଛେ । ଇଥର ଭିଲ୍ ଓଡ଼ିଶା ଆଉ ଛତିଶ୍‌ଗଡ଼୍ ନୁ ଆସିଥିବା ଭକତ୍‌ମାନେ ଛୁଆମାନ୍‌କୁ ରଥ୍ ଛୁଏଁଇଥିଲେ ।

ସମ୍ବଲ୍‌ପୁର୍ ଜିଲ୍ଲାର୍ ପୁରପଲ୍ଲୀଥି ଆଏଜ୍ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ପବିତ୍ର ରଥଯାତ୍ରା ମୁଲ୍ ହେଇଛେ । ପରମ୍ପରା ଅନ୍‌ସାରେ ଧାରିଜ୍ ମୁହୁର୍ତନେ ବିଗ୍ରହମାନ୍‌କର୍ ପହଣ୍ଡି ଆର୍ ଛେରାପହଁରା କରାଯାଇଥିଲା । ତାର୍ ଉତ୍‌ରୁ ରଥ୍ ଘିଚାଯାଇଥିଲା । ମୁଲୁ ଚଲି ଆସୁଥିବା ନୀତି ହିସାବେ ଆଏଜ୍ ସମ୍ବଲ୍‌ପୁର୍ ସହରର୍ ରଥ ମାନେ ଅଧା ବାଟ୍ ଗଲା ଉତ୍‌ରୁ ବାଟ୍ ରହଣି କରିଥିଲେ ।

ସହରର୍ ବ୍ରହ୍ମପୁରା, ଦଧିବାମନ୍, ହୋତାପଡ଼ା, ମଦନ୍‌ମୋହନ୍, ସତ୍ୟବାଦୀ, ଯଜ୍ଞବରାହ, ରାଧାମଦନ୍ ଗୋପାଲ୍ ବାଗିର୍ ୨୫ଟା ମନ୍ଦିର୍‌ନେ ଆଏଜ୍ ଦୁତିଆ ରଥଯାତ୍ରା ଅନୁଷ୍ଠିତ୍ ହେଉଛେ । ହେନ୍ତା ସମ୍ବଲ୍‌ପୁର୍ ଜିଲ୍ଲା ୨ ଶହ ନୁ ଅଏତ୍‌କା ଯାଗାନେ ଭିଲ୍ ଆଏଜ୍ ଗୁଡ଼ି ମାନ୍‌କୁ ରଥ୍ ବାହାରିଛେ ।

ବୌଦ୍ଧ ଜିଲ୍ଲାନେ ଝିପ୍ ଝିପ୍ ବର୍ଷା ଭିତ୍‌ରେ ଆଏଜ୍ ଦୁତିଆ ରଥ୍ ଯାତ୍ରା ଅନୁଷ୍ଠିତ୍ ହେଉଛେ । ବୌଦ୍ଧ ସହରର୍ ଜଗନ୍ନାଥ୍ ଗୁଡ଼ିନେ ଧାଡ଼ି ପହଣ୍ଡି ତିନି ଠାକୁର ରଥେ ଆସିନ୍ ହେଇଥିଲେ । ଇତାର୍ ଉତ୍‌ରୁ ଭିନ୍ ଭିନ୍ ଜାଗାନୁ ଆସିଥିବା ସଂକିର୍ତନ୍ ଦଲ୍ ମାନ୍‌କର୍ କୀର୍ତନ୍ ଭିତ୍‌ରେ ରଥ୍ ଘିଚା ଆରମ୍ଭ ହେଇଥିଲା ।

ସୁନ୍ଦର୍‌ଗଡ଼୍ ଜିଲ୍ଲା ରଥଯାତ୍ରା ଲାଗି ଆଏଜ୍ ଉସ୍ଵବ୍ ମୁଖର୍ ହେଇଛେ । ରାଉର୍‌କେଲାର୍ ଅହିରାବନ୍ଧ ଜଗନ୍ନାଥ୍ ମନ୍ଦିର୍‌ନେ ତିନି ଠାକୁର ରଥାରୁଢ଼୍ ହେଇକରି ସେକ୍ଟର୍ ୫ ରିଂରୋଡ଼୍ ଗୁଣ୍ଡିଚା ମନ୍ଦିର୍‌ନେ ପୁହୁଁଚିଛନ୍ । ଇଠାନେ ଦେବୀ ସୁଭଦ୍ରାଙ୍କର୍ ରଥକେ ଖାଲି ମହିଲାମାନେ ଟାନିଥିଲେ । ସୁନ୍ଦର୍‌ଗଡ଼୍ ସହର୍, ହେମ୍‌ଗିର୍, ବଡ଼୍‌ଗାଁ, କୁତ୍ରା, ରାଜ୍‌ଗାଙ୍ଗ୍‌ପୁର୍, ବୀର୍‌ମିତ୍ରପୁର୍, ରାଠିକଁଟା, ଲହୁଣିପଡ଼ା, ବଣେଇ ବାଗିର୍ ଜିଲ୍ଲା ସାରା ଆଏଜ୍ ରଥଯାତ୍ରା ଚାଲିଛେ ।

କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ସହେତେ ଭିନ୍ ଭିନ୍ ଜାଗାନେ ମହାପ୍ରଭୁଙ୍କର୍ ରଥଯାତ୍ରା ଅନୁଷ୍ଠିତ୍ ହେଉଛେ । ୧୮୪୯

ମସିହାଥି ଜୁନାଗଡ଼୍‌ନୁ ରାଜ୍‌ଧାନୀ ଆଏଲା ଉତ୍‌ରୁ ଭବାନୀପାଟ୍‌ନାନେ ରଥ୍‌ଯାତ୍ରା ହେଇଆସୁଛେ । ଇଥର ରାଜା ଅନନ୍ତ ଦେଓ ଆଉ ଯୁବରାଜ୍ ଅର୍କକେଶରୀ ଦେଓ ଠାକୁରମାନ୍‌କର୍ ପହଣ୍ଡିଥି ଯୋଗ୍ ଦେଇଥିଲେ । ଇତାର୍ ଉତ୍‌ରୁ ହଜାର୍ ହଜାର୍ ଶ୍ରଦ୍ଧାଳୁ ରଥକେ ଭକ୍ତଭାବ୍‌ନାର୍ ସହେତେ ମାଣିକେଶ୍ୱରୀ ମନ୍ଦିର୍‌ତକ୍ ନେଇଥିଲେ । ଆଏବା କାଏଲ୍ ଫେର୍‌ଘାଏ ରଥଟନା ମୁଲ୍ ହେଇକରି ମାଉସୀମା ମନ୍ଦିର୍‌ତକ୍ ଯିବା ।

ହେନ୍ତା ସୁଭଦ୍ରାକ୍ଷେତ୍ର ଭାବେ ପରିଚିତ୍ ଜିଲ୍ଲାର୍ ଯୁଗ୍‌ସାଇ ପାଟ୍‌ନାର୍ ଚତୁର୍ଦ୍ଧାମୂର୍ତିଙ୍କର୍ ରଥଯାତ୍ରା ଅନୁଷ୍ଠିତ୍ ହେଇଛେ । ଜିଲ୍ଲାର୍ ଇ ଭିତ୍‌ରିଆ ଇଲାକାନେ ରଥଯାତ୍ରା ଆୟୋଜନ୍‌ଥି ଦିବ୍ୟଜୀବନ୍ ସଂଘ୍ ମୁଖିଆ ଭାର୍ ନେଇଥିବାର୍ ବେଲେ ଅସଂଖ୍ୟ ଶ୍ରଦ୍ଧାଳୁ ଭାଗ୍ ନେଇଥିଲେ ।

ହେନ୍ତା ବଲାଙ୍ଗିର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗାନେ ଆଏଜ୍ ମହାପ୍ରଭୁ ଭାବଗ୍ରାହୀଙ୍କର୍ ରଥଯାତ୍ରା ଚାଲିଛେ । ପାଟ୍‌ନାଗଡ଼୍‌ଠାନେ ଥିବା ଇ ଇଲାକାର୍ ପୁରାତନ୍ ୧୧ ଶହ ମସିହାର୍ ଗୁଡ଼ିନେ ପୁରୀର୍ ରୀତିନୀତି ହିସାବେ ରଥ୍‌ଯାତ୍ରା କରାଯାଉଛେ । ଛେରାପହଁରା ଉତ୍‌ରୁ ରଥଟନା ଆରମ୍ଭ ହେଇଥିଲା । ଇଜାଗାନେ ଅତି ମୋନହରି କାରୁକାର୍ଯ୍ୟର୍ ୩ଟା ରଥେ ଭଗ୍‌ବାନ୍ ରଥାରୁଢ଼୍ ହେଇଥିଲେ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲାର୍ ମହାପ୍ରଭୁଙ୍କର୍ ରଥଯାତ୍ରା ଭକ୍ତିଭାବ୍ନା ଆଉ ଉସ୍ନାକିଥି ପାଲନ୍ କରାଯାଇଛେ । ଜିଲ୍ଲାର୍ ପାତାଲି ଶ୍ରୀକ୍ଷେତ୍ରନେ ପାରମ୍ପାରିକ୍ ରୀତିନୀତି ଅନ୍ସାରେ ତ୍ରିକୁଟ ପର୍ବତ୍ନୁ ଶହ ଶହ ପାଉଁଚ୍ ହେଇକରି ଚତୁର୍ଦ୍ଧାମୂର୍ତି ରଥାସୀନ୍ ହେଇଥିଲେ । ବୀର୍ମହାରାଜ୍ପୁର୍, ତର୍ଭା, ବିନ୍କା, ଡୁଙ୍ଗୁରିପାଲି ସହେତେ ଜିଲ୍ଲାର୍ ସବୁ ଜାଗାନେ ଆଏଜ୍ ଦୁତିଆ ରଥଯାତ୍ରା ହେଇଛେ ।

ନରେଗା ଖେଲ୍ପଡ଼ିଆ RNU/SBP

ସମ୍ବଲ୍ପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ମହାତ୍ମାଗାନ୍ଧୀ ନରେଗା ଯୋଜ୍ନାଥି ଜିଲ୍ଲାର୍ ୯ଟା ଯାକ ବ୍ଲକ୍ନେ ୮୬୪ଟା ଖେଲ୍ପଡ଼ିଆ ତିଆର୍ କରାଯିବା । ଗୁଟେ ଖେଲ୍ ପଡ଼ିଆର୍ ଲାଗି ୩ ନୁ ୮ ଲାଖ୍ ଟଙ୍କାତକ୍ ଖର୍ଚା କରାଯିବା । ଇହାଦେତକ୍ ୪୦ଟା ଖେଲ୍ପଡ଼ିଆର୍ ଉନ୍ନୟନ୍ କାମ୍ ପୁରା ହେଇଥିବାର୍ ବେଲେ ଅଧା ବନାହେଇକରି ପଡ଼ିଥିବାର୍ ୩୬୧ଟା ଖେଲ୍ପଡ଼ିଆନେ ଫେର୍ଘାଏ କାମ୍ ମୁଲ୍ ହେଇଛେ । ଇ ଖେଲ୍ପଡ଼ିଆମାନ୍କର୍ କାମ୍ ଗଲାବର୍ଷ ପୁରା କର୍ବାର୍କେ ଠିକ୍ନା କରାଯାଇଥିଲା । ପାଣ୍ଠି ମିଲ୍ବାର୍ଥି ଡେରି ହେବାର୍ ଲାଗି ସେ ସମିଆ ଗଡ଼ି ଯାଇଥିଲା ।

ପାଣିପାଗ Official

ଉତର୍ ବଙ୍ଗୋପ୍ସାଗର୍ ଆଉର୍ ଇତାର୍ ଆଖର୍ ପାଖର୍ ଇଲାକାନେ ଗୁଟେ ଘୂର୍ଣ୍ଣିବଲୟ ବନିଛେ । ଇତାର୍ ଜୋର୍ଥି ଆଏବା ୪୮ ଘଂଟା ଭିତ୍ରେ ଉତର୍ ପର୍ଶ୍ଚିମ୍ ବଙ୍ଗୋପ୍ସାଗର୍ନେ ଲଘୁଚାପ୍ ବନ୍ବାର୍ ଅନୁମାନ୍ ରହିଛେ ବଲି ଭାରତୀୟ ପାଣିପାଗ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ସେଆଡ଼େ ମୌସୁମୀର୍ ଲାଗି ଗଲା ୨୪ ଘଂଟା ଭିତ୍ରେ ରାଏଜର୍ ଉତର୍, ଦକ୍ଷିଣ୍ ଆଉ ଓଡ଼ିଶାର୍ ସମୁଦ୍ରଖଁଡ଼ିର୍ ବହୁତ୍ଟେ ଇଲାକାନେ କମ୍ନୁ ମଝିଆଁ ଧରଣ୍ର ବର୍ଷା ହେଇଛେ । ଆଏବା କାଏଲ୍ନୁ ବର୍ଷାର୍ ମାତ୍ରା ବଢ଼୍ବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ ହିସାବ୍ କରାଯାଇଛେ ।